1962

ନଭେମ୍ବର, 5

ହେଗଡେ ଜନାର୍ଦ୍ଦନ ସୁବାରୀ

ବନାମ

ମହୀଶୂର ରାଜ୍ୟ ଏବଂ ଅନ୍ୟଜଣେ । (ଏବଂ ସଂଯୁକ୍ତ ଆବେଦନ )

(ମୁଖ୍ୟ ନ୍ୟାୟାଧୀଶ ବି. ପି. ସିହ୍ନା, ପି. ବି. ଗଜେନ୍ଦ୍ରଗଡକର, କେ. ଏନ୍. ୱାଞ୍ଚୁ, କେ. ସି. ଦାସ ଗୁପ୍ତା ଏବଂ ଜେ. ସି. ଶାହ, ନ୍ୟାୟାଧୀଶବୃନ୍ଦ )

*ମହା ବିଦ୍ୟାଳୟ ପ୍ରବେଶ -ସାମାଜିକ ଏବଂ ଶିକ୍ଷାଗତ ଦୃଷ୍ଟିରୁ ପଛୁଆ ବର୍ଗଙ୍କ ପାଇଁ ଆସନ ସଂରକ୍ଷଣକୁ ଉଚ୍ଛେଦ କରାଯାଇଛି- ଅନୁସୂଚିତ ଜାତି ଏବଂ ଜନଜାତି ପାଇଁ ସଂରକ୍ଷଣକୁ କାୟମ ରଖାଯାଇଛି-ଭାରତର ସମ୍ବିଧାନ, ଅନୁଚ୍ଛେଦ 15 (4) ।*

ଆବେଦନକାରୀମାନେ ଜୁଲାଇ, 10,1961 ଏବଂ ଜୁଲାଇ 31,1962 ରେ ସମ୍ବିଧାନର ଅନୁଚ୍ଛେଦ 15 (4) ଅନୁଯାୟୀ ମହୀଶୂର ରାଜ୍ୟ ଦ୍ୱାରା ଜାରି କରାଯାଇଥିବା ଆଦେଶର ବୈଧତାକୁ ଆପତ୍ତି କରିଥିଲେ । ଆବେଦନକାରୀମାନେ ଯୁକ୍ତି ବାଢ଼ିଥିଲେ ଯେ ସେମାନେ ହୁବୁଳିର, କର୍ଣ୍ଣାଟକ ଭେଷଜ ମହାବିଦ୍ୟାଳୟରେ ଚିକିତ୍ସାରେ ପ୍ରାକ୍-ବୃତ୍ତିଗତ ଶ୍ରେଣୀରେ ପ୍ରବେଶ ପାଇଁ ଆବେଦନ କରିଥିଲେ ଏବଂ ସେମାନେ ଉକ୍ତ ଭେସଜ ମହାବିଦ୍ୟାଳୟରେ ପ୍ରବେଶ ହାସଲ କରିଥାନ୍ତେ, କିନ୍ତୁ ଉପରୋକ୍ତ ଆଦେଶ ଦ୍ୱାରା ସଂରକ୍ଷଣ ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା । ସେମାନେ ଯୁକ୍ତି ଉପସ୍ଥାପନ କରିଥିଲେ ଯେ ଉପରୋକ୍ତ ଆଦେଶ ଗୁଡିକ, କ୍ଷମତାତୀତ ଥିଲା । ସେମାନେ ଏକ ଉପଯୁକ୍ତ ଆଜ୍ଞାଦେଶ କିମ୍ବା ଆଦେଶ ପ୍ରଦାନ ପାଇଁ ପ୍ରାର୍ଥନା କରିଥିଲେ ଯାହା ଉତ୍ତରଦାତାମାନଙ୍କୁ ସେହି ଆଦେଶ ଗୁଡ଼ିକୁ କାର୍ଯ୍ୟକାରୀ କରିବାରୁ ବାରଣ କରିଥାଏ ଏବଂ ଯୋଗ୍ୟତା ଆଧାରରେ ପ୍ରବେଶ ପାଇଁ ସେମାନଙ୍କ ଆବେଦନକୁ କାର୍ଯ୍ୟକାରୀ କରିଥାଏ ।

ନିର୍ଣ୍ଣିତ ଯେ ଆବେଦନକାରୀମାନେ ସେମାନଙ୍କ ଦ୍ୱାରା କରାଯାଇଥିବା ଦାବି ଅନୁଯାୟୀ ଏକ ଉପଯୁକ୍ତ ଆଜ୍ଞାଦେଶ କିମ୍ବା ଆଦେଶ ପାଇବାକୁ ହକଦାର ଥିଲେ ଏବଂ ଉତ୍ତରଦାତାମାନଙ୍କୁ ଉପରୋକ୍ତ ଆଦେଶ କାର୍ଯ୍ୟକାରୀ କରିବାରେ ବାରଣ କରାଯାଇଥିଲା ।

*ଏମ୍. ଆର୍. ବାଲାଜୀ ବନାମ ମହୀଶୂର ରାଜ୍ୟ [1963]* Supp. 1 S.C.R. 439, ଅନୁସରଣ କରାଯାଇଥିଲା ।

1962
ହେଗଡେ
ଜନାର୍ଦନ୍ ସୁବାରୀ
ବନାମ
ମହୀଶୂର ରାଜ୍ୟ

ସାମାଜିକ ଓ ଶିକ୍ଷାଗତ ଦୃଷ୍ଟିରୁ ପଛୁଆ ବର୍ଗଙ୍କ ସପକ୍ଷରେ କରାଯାଇଥିବା ଅତିରିକ୍ତ ସଂରକ୍ଷଣ ସମ୍ବନ୍ଧରେ କେବଳ ଏହି ଆକ୍ଷେପିତ ଆଦେଶକୁ ରଦ୍ଦ କରାଯାଇଥିଲା ଏବଂ ତେଣୁ ଉତ୍ତରଦାତାମାନେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିଙ୍କ ସପକ୍ଷରେ ଦିଆଯାଇଥିବା ସଂରକ୍ଷଣକୁ କାର୍ଯ୍ୟକାରୀ କରିବାକୁ ସ୍ୱାଧୀନତା ପାଇଥିଲେ, ଯାହାକୁ ଆଦୌ ଆପତ୍ତି କରାଯାଇ ନଥିଲା । ଉକ୍ତ ସଂରକ୍ଷଣ କାର୍ଯ୍ୟକରୀ ହେବା ଜାରି ରହିଛି ।

ମୂଳ ଅଧିକାରିତା :ଆଜ୍ଞାଦେଶ ଆବେଦନ ସଂଖ୍ୟା 130 ଏବଂ 133/1962 ।

ମୌଳିକ ଅଧିକାରର ପ୍ରବର୍ତ୍ତନ ପାଇଁ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ।

*ଆବେଦନକାରୀଙ୍କ ପାଇଁ ଏସ୍. କେ. ଭେଙ୍କଟରାଙ୍ଗାଇଙ୍ଗର ଏବଂ* ଆର୍. ଗୋପାଳକ୍ରିଷ୍ଣନ (ଉଭୟ ଆବେଦନ ରେ) ।

*ପି. ଡି. ମେନନ,* ଉତ୍ତରଦାତାମାନଙ୍କ ପାଇଁ (ଉଭୟ ପିଟିସନରେ)।

1962, ନଭେମ୍ବର, 5 ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଯାଇଥିଲା ।

ନ୍ୟାୟାଧୀଶ ଗଜେନ୍ଦ୍ରଗଡକର,-ଏହି ଦୁଇଟି ଆଜ୍ଞାଦେଶ ଆବେଦନ ଯଥାକ୍ରମେ 130/1962 ଏବଂ 133/ 1962 ହେଗଡେ ଜନାର୍ଦ୍ଧନ ସୁବାରୀ ଏବଂ ରବୀନ୍ଦ୍ର ପ୍ରଭୁଙ୍କ (ଏହାପରେ ଆବେଦନକାରୀ ବୋଲି ସମ୍ବୋଧିତ କରାଯାଇଛି) ଦ୍ୱାରା ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ଦାଖଲ କରାଯାଇଛି, ଯାହା ଯଥାକ୍ରମେ ଜୁଲାଇ, 10, 1961 ଏବଂ ଜୁଲାଇ, 31, 1962 ତାରିଖରେ ସମ୍ବିଧାନର ଅନୁଚ୍ଛେଦ 15 (4) ଅନୁଯାୟୀ ଉତ୍ତରଦାତା ସଂଖ୍ୟା 1 ଥିବା ମହୀଶୂର ରାଜ୍ୟ ଦ୍ୱାରା ଜାରି ଆଦେଶର ବୈଧତାକୁ ଆପତ୍ତି କରିଛି । ଉଭୟ ଆବେଦନକାରୀ ହୁବୁଳିର, କର୍ଣ୍ଣାଟକ ଭେଷଜ ମହାବିଦ୍ୟାଳୟରେ ଚିକିତ୍ସାରେ ପ୍ରାକ୍-ବୃତ୍ତିଗତ ଶ୍ରେଣୀରେ ପ୍ରବେଶ ପାଇଁ ଆବେଦନ କରିଥିଲେ ଏବଂ ଆବେଦନଗୁଡିକ ଉତ୍ତରଦାତା ସଂଖ୍ୟା 2, ଉତ୍ତରଦାତା ସଂଖ୍ୟା 1ଙ୍କ ଦ୍ୱାରା ନିଯୁକ୍ତ ଚୟନ କମିଟି ନିକଟରେ ଦାଖଲ କରାଯାଇଥିଲା । ଆବେଦନକାରୀଙ୍କ ଅନୁଯାୟୀ, ସେମାନେ ଉକ୍ତ ଭେଷଜ ମହାବିଦ୍ୟାଳୟରେ ପ୍ରବେଶ ହାସଲ କରିଥାନ୍ତେ, କିନ୍ତୁ ସେହି ଦୁଇଟି ଆକ୍ଷେପିତ ଆଦେଶ ଦ୍ୱାରା ନିର୍ଦ୍ଦେଶିତ ସଂରକ୍ଷଣ ପାଇଁ ସେମାନେ ସେଥିରୁ ବଞ୍ଚିତ ହୋଇଥିଲେ । ସେମାନେ ଅଭିଯୋଗ କରିଥିଲେ ଯେ ଆଦେଶ ଗୁଡ଼ିକ ଏକ ଉଲ୍ଲଙ୍ଘନ ଥିଲା, ତେଣୁ, ସେମାନେ ଏକ ଉପଯୁକ୍ତ ଆଜ୍ଞାଦେଶ କିମ୍ବା ଆଦେଶ ପାଇଁ ପ୍ରାର୍ଥନା କରିଥିଲେ ଯାହା ଉତ୍ତରଦାତା ମାନଙ୍କୁ ଉକ୍ତ ଆଦେଶ ଗୁଡ଼ିକୁ

କାର୍ଯ୍ୟକାରୀ କରିବାରୁ ନିବୃତ୍ତ କରିବ ଏବଂ ଆବେଦନକାରୀଙ୍କ ଆବେଦନଗୁଡ଼ିକୁ ଯୋଗ୍ୟତା ଅନୁଯାୟୀ ସମାଧାନ କରିବାକୁ ବାଧ୍ୟ କରିବ ।

1962
ହେଗଡେ ଜନାର୍ଦନ୍
ସୁବାରୀ
ବନାମ
ମହୀଶୂର ରାଜ୍ୟ

ବର୍ତ୍ତମାନର ପିଟିସନ୍ ଦ୍ୱାରା ଉଠାଯାଇଥିବା ପ୍ରସଙ୍ଗ ଗୁଡିକ *ଏମ୍. ଆର୍. ବାଲାଜୀ ବନାମ ମହୀଶୂର ରାଜ୍ୟ (1)* ମାମଲାରେ ଏହି ନ୍ୟାୟାଳୟଙ୍କର ଆଦେଶ ଦ୍ୱାରା ଅନ୍ତର୍ଭୁକ୍ତ ଏବଂ ଏଥିପାଇଁ, ଏହା ଏକ ସାଧାରଣ ଆଧାର ଯେ ଆବେଦନକାରୀମାନେ ସେମାନଙ୍କ ଦ୍ୱାରା ଦାବି କରାଯାଇଥିବା ଉପଯୁକ୍ତ ଆଜ୍ଞାଦେଶ କିମ୍ବା ଆଦେଶ ପାଇବାକୁ ହକଦାର ଅଟନ୍ତି ।

ତେବେ ଉତ୍ତରଦାତାମାନଙ୍କ ପାଇଁ ବିଦ୍ୱାନ ଓକିଲ ଏହି ତଥ୍ୟ ପ୍ରତି ଆମର ଧ୍ୟାନ ଆକର୍ଷଣ କରିଥିଲେ ଯେ *ଏମ୍. ଆର୍. ବାଲାଜୀ (1)* ମାମଲାରେ ଏହି ନ୍ୟାୟାଳୟଙ୍କର ନିର୍ଣ୍ଣୟର ଫଳସ୍ୱରୂପ ଉତ୍ତରଦାତା ସଂଖ୍ୟା 1 କିଛି ସନ୍ଦେହ ଅନୁଭବ କରୁଥିଲି ଯେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ସମ୍ବନ୍ଧରେ ଆକ୍ଷେପିତ ଆଦେଶ ଦ୍ୱାରା ଦିଆଯାଇଥିବା ସଂରକ୍ଷଣ ମଧ୍ୟ ଏହି ନ୍ୟାୟାଳୟ ଦ୍ୱାରା ଉଚ୍ଛେଦ କରାଯାଇଥିଲା କି । ଏହି ରାୟ ଦର୍ଶାଉଛି ଯେ, ଉତ୍ତରଦାତା ସଂଖ୍ୟା 1 କ୍ରମାଗତ ଭାବେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିଙ୍କ କ୍ଷେତ୍ରରେ ସଂରକ୍ଷଣର ପ୍ରତିଶତ ଯଥାକ୍ରମେ 15 ପ୍ରତିଶତ ଏବଂ 3 ପ୍ରତିଶତ ସ୍ଥିର କରିଛନ୍ତି । ଅନୁଚ୍ଛେଦ 15 (4) ଅନୁଯାୟୀ ଗୋଟିଏ ପରେ ଗୋଟିଏ ଏହିପରି ଭାବରେ ଉତ୍ତରଦାତା ସଂଖ୍ୟା 1ଙ୍କ ଦ୍ୱାରା ପାଞ୍ଚଟି ଆଦେଶ ପାରିତ ହୋଇଛି, କିନ୍ତୁ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ପାଇଁ ନିର୍ଦ୍ଧାରିତ ସଂରକ୍ଷଣ ସର୍ବଦା ସମାନ ରହିଛି । ଏହା ସତ୍ୟ ଯେ ଏହି ନ୍ୟାୟାଳୟଙ୍କର ରାୟ ସ୍ପଷ୍ଟ ଭାବରେ କହିନାହିଁ ଯେ ଉକ୍ତ ସଂରକ୍ଷଣର ବୈଧତାକୁ ଏହି ନ୍ୟାୟାଳୟରେ ଆପତ୍ତି କରାଯାଇ ନାହିଁ ଏବଂ ତେଣୁ ଏହି ନିର୍ଣ୍ଣୟ ଦ୍ୱାରା ପ୍ରଭାବିତ ହୋଇଥିବା ବିବେଚନା କରାଯାଇପାରିବ ନାହିଁ । ତେବେ, ରାୟରୁ ଜଣାପଡୁଛି, ଏହି ଆକ୍ଷେପିତ ଆଦେଶର ବୈଧତା ବିରୋଧରେ ଏକମାତ୍ର ଆପତ୍ତି ରାଜ୍ୟର ନାଗରିକମାନଙ୍କ ମଧ୍ୟରୁ ସାମାଜିକ ଏବଂ ଶିକ୍ଷାଗତ ଦୃଷ୍ଟିରୁ ପଛୁଆ ବର୍ଗଙ୍କ ସପକ୍ଷରେ କରାଯାଇଥିବା ଅତିରିକ୍ତ ସଂରକ୍ଷଣ ବିରୋଧରେ ନିର୍ଦ୍ଦେଶିତ ହୋଇଥିଲା । ଉକ୍ତ ମାମଲାଗୁଡ଼ିକରେ ଦାଖଲ ହୋଇଥିବା ଆବେଦନଗୁଡ଼ିକ ଉକ୍ତ ସଂରକ୍ଷଣ ମଧ୍ୟରେ ସୀମିତ ଥିଲା ଏବଂ ଏହି ନ୍ୟାୟାଳୟରେ ଯୁକ୍ତି ଉପସ୍ଥାପନ ସମୟରେ, ଆବେଦନକାରୀଙ୍କ ବିଦ୍ୱାନ ଓକିଲଙ୍କ ଦ୍ୱାରା ଏହା ସୂଚିତ କରାଯାଇ ନଥିଲା ଯେ ଅନୁସୂଚିତ ଜାତି ଏବଂ ଜନଜାତି ସପକ୍ଷରେ ଦିଆଯାଇଥିବା ସଂରକ୍ଷଣ କୌଣସି ପ୍ରକାରେ ଅନିୟମିତ କିମ୍ବା ଅନୁଚ୍ଛେଦ

(1) [1963] Supp. 1 S.C.R. 439

1962
ହେଗଡେ
ଜନାର୍ଦନ୍ ସୁବାରୀ
ବନାମ
ମହୀଶୂର ରାଜ୍ୟ

15 (4) ଆଧାରରେ ନ୍ୟାୟସଙ୍ଗତ ନଥିଲା । ଏହି ସ୍ଥିତିକୁ ଆମ ନିକଟରେ ଆବେଦନକାରୀଙ୍କ ବିଦ୍ୱାନ ଓକିଲଙ୍କ ଦ୍ୱାରା ଆପତ୍ତି କରାଯାଇନଥିଲା । ତେଣୁ, ଆମେ ଭାବୁଛୁ ଯେ ଏହି ପ୍ରସଙ୍ଗରେ କୌଣସି ସନ୍ଦେହ ଏଡ଼ାଇବା ପାଇଁ ଏହି ସ୍ପଷ୍ଟ ଆଦେଶ ଆବଶ୍ୟକ ଯେ ସେହି ମାମଲାରେ ଆମର ରାୟ ଉକ୍ତ ସଂରକ୍ଷଣର ବୈଧତାକୁ ପ୍ରଭାବିତ କରେ ନାହିଁ ଯାହା ଆପତ୍ତି କରାଯାଇଥିବା ଅନ୍ୟ ସଂରକ୍ଷଣ ଠାରୁ ଭିନ୍ନ ଏବଂ ପୃଥକ ଏବଂ ସ୍ୱାଧୀନ ଥିଲା । ଉକ୍ତ ସଂରକ୍ଷଣ କାର୍ଯ୍ୟକ୍ଷମ ହୋଇ ରହିଛି ଏବଂ ଆକ୍ଷେପିତ ଆଦେଶକୁ ରଦ୍ଦ କରିଦିଆଯାଇଥିବା ତଥ୍ୟ ସେହି ସ୍ଥିତିକୁ ପରିବର୍ତ୍ତନ କରେ ନାହିଁ । ଉକ୍ତ ଆଦେଶଗୁଡ଼ିକ କେବଳ ସାମାଜିକ ଏବଂ ଶିକ୍ଷାଗତ ଦୃଷ୍ଟିରୁ ପଛୁଆ ବର୍ଗଙ୍କ ସମ୍ବନ୍ଧରେ ଆକ୍ଷେପିତ ଆଦେଶ ଦ୍ୱାରା କରାଯାଇଥିବା ଅତିରିକ୍ତ ସଂରକ୍ଷଣ ବିଷୟରେ ଉଲ୍ଲେଖ କରି ରଦ୍ଦ କରାଯାଇଛି, ଏବଂ ଏଥିପାଇଁ, ଉତ୍ତରଦାତା ସଂଖ୍ୟା 1, ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିଙ୍କ କ୍ଷେତ୍ରରେ କରାଯାଇଥିବା ସଂରକ୍ଷଣକୁ କାର୍ଯ୍ୟକାରୀ କରିବା ଯଥାର୍ଥ ହେବ ।

ଫଳସ୍ୱରୂପ, ଆମେ ଆବେଦନଗୁଡ଼ିକୁ ଅନୁମତି ଦେଇଛୁ ଏବଂ ନିର୍ଦ୍ଦେଶ ଦେଉଛୁ ଯେ ଏକ ଉପଯୁକ୍ତ ଆଜ୍ଞାଦେଶ କିମ୍ବା ଆଦେଶ ଜାରି କରାଯିବା ଉଚିତ ଯାହା ଉତ୍ତରଦାତାମାନଙ୍କୁ ଦୁଇଟି ଆକ୍ଷେପିତ ଆଦେଶ କାର୍ଯ୍ୟକାରୀ କରିବାରୁ ବାରଣ କରିବ । ମାମଲାଗୁଡ଼ିକର ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି, ଆମେ ନିର୍ଦ୍ଦେଶ ଦେଉଛୁ ଯେ ଆବେଦନକାରୀମାନେ ଶୁଣାଣି ଶୁଳ୍କ ବ୍ୟତୀତ ସେମାନଙ୍କ ଦ୍ୱାରା ହୋଇଥିବା ଖର୍ଚ୍ଚ ଉତ୍ତରଦାତାମାନଙ୍କ ଠାରୁ ପାଇବା ଉଚିତ୍ ।

ଆବେଦନକୁ ଅନୁମତି ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।